# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**17 February - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ୨୦୩୦ ମସିହା ସୁଦ୍ଧା ଦେଶର ବୟନ ଶିଳ୍ପ ରପ୍ତାନୀକୁ ୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ସରକାରଙ୍କ ଲକ୍ଷ୍ୟ; କହିଲେ ପ୍ରଧାନମନ୍ତ୍ରୀ
- ଆଗାମୀ ଆର୍ଥିକ ବର୍ଷ ପାଇଁ ଆଜି ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ
- ଆଗାମୀ ଆର୍ଥିକ ବର୍ଷରେ ବିଦ୍ୟୁତ ଦର ନିର୍ଦ୍ଧାରଣ ଲାଗି ଓ.ଇ.ଆର.ସି.ଙ୍କ ଠାରେ ଚାଲିଛି ଜନଶୁଣାଣି

ଏବଂ

- ପୁରୀ ରଥଯାତ୍ରା ଓ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଏ.ଆଇ. କ୍ୟାମେରା ଲଗାଯିବ

*Desk*

# ଭାରତ ଟେକ୍ସ-୨୦୨୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବୟନ ରପ୍ତାନୀକୁ ଆସନ୍ତା ୨୦୩୦ ସୁଦ୍ଧା ୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଭାରତ ଟେକ୍ସ-୨୦୨୫ କାର୍ଯ୍ୟକ୍ରମରେ ଗତକାଲି ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତବର୍ଷ ଦେଶର ବୟନ ପୋଷାକ ରପ୍ତାନୀରେ ୭ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

V/O/

ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ପାଇଁ ଗତ ୧୦ ବର୍ଷ ମଧ୍ୟରେ ୨ହଜାର ୪୦୦ରୁ ଅଧିକ ବ୍ୟାବସାୟିକ ମେଳା ଆୟୋଜନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଟେକ୍ସଟାଇଲ ମେଳା ପରିଦର୍ଶନ କରିବା ସହିତ ପ୍ରଦର୍ଶକଙ୍କ ସହ ମତବିନିମୟ କରିଥିଲେ । ଭାରତ ଟେକ୍ସ ୨୦୨୫ ହେଉଛି ଏକ ବୃହତ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ । କଞ୍ଚାମାଲ ଠାରୁ ଆରମ୍ଭ କରି ସାମଗ୍ରୀ ପ୍ରସ୍ତୁତି ପର୍ଯ୍ୟନ୍ତ ସମଗ୍ର ଟେକ୍ସଟାଇଲ୍ କ୍ଷେତ୍ରକୁ ଏହି ସମ୍ମିଳନୀରେ ଏକାଠି କରାଯାଇଛି । ଏହି ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ ।

*Desk*

# ଅର୍ଥନୈତିକ ସର୍ଭେ ରିପୋର୍ଟ

ସପ୍ତଦଶ ବିଧାନସଭା ଅଧିବେଶନରେ ଆଜି ୨୦୨୫-୨୬ ଆର୍ଥିକବର୍ଷ ଲାଗି ବଜେଟ୍ ଉପସ୍ଥାପନ କରାଯିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ। ଏହା ପୂର୍ବରୁ ଗତ ଶୁକ୍ରବାର ଦିନ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୪-୨୫ ଗୃହରେ ଉପସ୍ଥାପନ କରାଯାଇଛି। ସର୍ଭେ ରିପୋର୍ଟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହିଥିବା କୁହାଯାଇଛି।

ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ୍ ଘରୋଇ ଉତ୍ପାଦନ ୯ ଦଶମିକ ୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଯାହାକି, ପୂର୍ବ ଆର୍ଥିକବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ। ଓଡ଼ିଶାର ମୁଣ୍ଡପିଛା ଆୟ ୧୦ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇଁ ୧ ଲକ୍ଷ ୮୨ ହଜାର ୫୪୮ ଟଙ୍କାରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ଶ୍ରମଶକ୍ତି ଅଂଶଗ୍ରହଣ କ୍ଷେତ୍ରରେ ସର୍ବଭାରତୀୟ ସ୍ତରଠାରୁ ରାଜ୍ୟ ଅଧିକ ଥିବା ରିପୋର୍ଟରେ ଦର୍ଶାଯାଇଛି।

*BBSR/R/Assembly*

## ବିଧାନସଭା-୨

ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ କରାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ବିଧାନସଭାରେ କହିଛନ୍ତି । ଯେଉଁଠାରେ ମଣ୍ଡିର ବ୍ୟବସ୍ଥା ନାହିଁ ସେଠାରେ ଖୁବ୍‌ଶୀଘ୍ର ମଣ୍ଡି ଖୋଲିବା ପାଇଁ ପଦକ୍ଷେପ ନିଆଯିବ । ଏଥିସହ ଅତିରିକ୍ତ ଉତ୍ପାଦକୁ କିଭଳି ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା କରାଯିବ ।

*BBSR/R/Assembly*

## ବିଧାନସଭା-୩

ରାଜ୍ୟରେ ନୂଆ ଥାନା ଏବଂ ଫାଣ୍ଡି ଖୋଲିବା ପାଇଁ ୨୭ଟି ପ୍ରସ୍ତାବ ସରକାରଙ୍କର ବିଚାରଧୀନ ଅଛି ବୋଲି ବିଧାନସଭାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ବିଜେପି ବିଧାୟକ ଇରାଶିଶ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ କହିଛନ୍ତି, ନୂଆ ଥାନା ଏବଂ ଫାଣ୍ଡି ଖୋଲିବା ପାଇଁ ସରକାରଙ୍କର ଏକ ନିର୍ଦ୍ଦିଷ୍ଟ ନିୟମ ମାନଦଣ୍ଡ ରହିଛି । ଆବଶ୍ୟକ ଅନୁସାରେ ଆସିଥିବା ପ୍ରସ୍ତାବ ଗୁଡ଼ିକ ଉପରେ ସରକାର ବିଚାର କରି ବିହିତ ପଦକ୍ଷେପ ନେବେ ।

*BBSR/R/Assembly*

## ବିଧାନସଭା-୪

ରାଜ୍ୟରେ ୬୬ଟି ଆଇ.ଏ.ଏସ୍. ଏବଂ ୬୯ଟି ଆଇପିଏସ୍ ପଦବୀ ଖାଲି ରହିଛି ବୋଲି ବିଧାନସଭାରେ ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟରେ ମୋଟ୍ ୨୪୮ ଆଇ.ଏ.ଏସ୍. ପଦବୀ ମଧ୍ୟରୁ ୧୮୨ ଜଣ କାର୍ଯ୍ୟରତ ଅଛନ୍ତି ଏବଂ ୨୨ ଜଣ ଆଇ.ଏ.ଏସ୍. ଅଧିକାରୀ କେନ୍ଦ୍ରୀୟ ଡେପୁଟେସନ୍‌ରେ ଯାଇଛନ୍ତି। ସେହିପରି ୧୯୫ ଆଇ.ପି.ଏସ୍. ପଦବୀ ମଧ୍ୟରୁ ୬୯ଟି ପଦବୀ ଖାଲି ପଡ଼ିଛି। ୧୦ ଆଇପିଏସ୍ ଅଧିକାରୀ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଡେପୁଡେଟସନ୍‌ରେ ଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

*BBSR/R/Assembly*

## ବିଧାନସଭା-୫

ରାଜ୍ୟ ସରକାର ବିଗତ ୮ ମାସ ମଧ୍ୟରେ ୫୦ ଜଣ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଆୟବର୍ହିଭୂତ ସମ୍ପତ୍ତି  ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ବିଭିନ୍ନ ତଦନ୍ତକାରୀ ସଂସ୍ଥାଦ୍ୱାରା ୧୧୭ କୋଟି ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଜବତ କରାଯାଇଛି।  ୧୩ଟି ଆୟବର୍ହିଭୂତ ମାମଲାରେ ଅଭିଯୁକ୍ତମାନେ ଦୋଷୀ

ସାବ୍ୟସ୍ତ ହୋଇଛନ୍ତି। ରାଜ୍ୟରେ ମୋଟ୍ ୩ ହଜାର ୬୯୨ଟି ଭିଜିଲାନ୍ସ ମାମଲା ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

***BBSR/R/Assembly***

## ଡାକ୍ତର ପଦବୀ

ରାଜ୍ୟରେ ଖାଲି ପଡ଼ିଥିବା ୫ ହଜାର ୨୪୮ ଏମ୍‌ବିବିଏସ୍ ଡାକ୍ତର ପଦବୀ ପୂରଣ ନିମନ୍ତେ ଲୋକସେବା ଆୟୋଗକୁ ପତ୍ର ଲେଖାଯାଇଛି ବୋଲି ଆଜି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ୧୨୬ଟି ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ନିମନ୍ତେ ଆୟୋଗକୁ ମଧ୍ୟ ସୁପାରିସ କରାଯାଇଛି। ସବୁ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ଡେ' କେୟାର ସେଣ୍ଟର ଏବଂ କେମୋଥେରାପି ବ୍ୟବସ୍ଥା କରାଯିବ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ୯ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାଟେଲାଇଟ୍ ସେଣ୍ଟର ଖୋଲିବାକୁ ସରକାରଙ୍କ ପ୍ରସ୍ତାବ ରହିଛି। ଏହି ସାଟେଲାଇଟ୍ ସେଣ୍ଟର ଗୁଡ଼ିକରେ ୧୦ଟି ଶଯ୍ୟା ସହ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୃହକୁ ସୂଚନା ଦେଇଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ୩୨ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରୁ ୧୨ଟିରେ ଆଇସିୟୁ ବ୍ୟବସ୍ଥା ନାହିଁ। ଢେଙ୍କାନାଳ, ଝାରସୁଗୁଡ଼ା, ରାୟଗଡ଼ା, ରାଉରକେଲା ଆଇଜିଏଚ୍‌ରେ

ଆଇସିୟୁ ନିର୍ମାଣାଧୀନ ଚାଲିଛି। ଏପ୍ରିଲ ମାସରୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି।

**- V/O –**

***IPR***

# ସୁଭଦ୍ରା ଯୋଜନା

ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ଶ୍ରୀମତୀ ଗର୍ଗ ସମସ୍ତ ଜିଲ୍ଲାରେ ସୁଭଦ୍ରା ଯୋଜନାର କ୍ଷେତ୍ରିୟ  ତଦନ୍ତ ପ୍ରକ୍ରିୟାକୁ ଆସନ୍ତା ୨୩ ତାରିଖ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯୋଜନାରେ ହିତାଧିକାରୀଙ୍କ ଇ-କେ.ୱାଇ.ସି. ପ୍ରକ୍ରିୟା ଶେଷ କରିବା ଏବଂ ଡି.ବି.ଟି. ପାଇଁ ସଚେତନ କରିବାକୁ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାର ଆସନ୍ତା ମାର୍ଚ୍ଚ ୮ ତାରିଖରେ ସୁଭଦ୍ରା ସହାୟତା ରାଶିର ଦ୍ୱିତୀୟ କିସ୍ତି ପ୍ରଦାନ କରିବେ ।

*Desk*

## ବିଦ୍ୟୁତ୍ ଶୁଳ୍କ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ - ଓ.ଇ.ଆର୍.ସି. ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ୍ ଦର ନିର୍ଦ୍ଧାରଣ ଲାଗି ଆଜିଠାରୁ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ପ୍ରସ୍ତାବ ଉପରେ ଜନଶୁଣାଣି ଆରମ୍ଭ ହୋଇଛି । ସୂଚନା ଅନୁସାରେ, ଆଗାମୀ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ଦର ୫୪ ପଇସା ବଢ଼ାଇବା ପାଇଁ ଗ୍ରୀଡ୍‌କୋ ପକ୍ଷରୁ ଓ.ଇ.ଆର୍.ସି.ଙ୍କ ନିକଟରେ ପ୍ରସ୍ତାବ ରଖାଯାଇଛି ।

*Desk*

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି । ସେହିଭଳି ଆସନ୍ତା ୨୪ ତାରିଖ ଦିନ ମଧ୍ୟ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି ।

*Puri*

## ପୁରୀ- ଏ.ଆଇ.କ୍ୟାମେରା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ପ୍ରବଳ ଜନସମାଗମ, ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣକୁ ନଜରରେ ରଖି ଏ.ଆଇ. କ୍ୟାମେରା ଲଗାଯିବା ପାଇଁ ଶ୍ରୀମନ୍ଦିର

ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ ଏ.ଆଇ. କ୍ୟାମେରା ବ୍ୟବହାର କରାଯିବ। ପୁରୀ ସହରର ପ୍ରମୁଖ ସ୍ଥାନ, ଛୋଟ ଛୋଟ ଗଳି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ଏହି କ୍ୟାମେରା ଲଗାଯିବ। ରଥଯାତ୍ରାକୁ ଶୃଙ୍ଖଳିତ ଓ ଶ୍ରଦ୍ଧାଳୁଙ୍କ ବୃଦ୍ଧିକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ପୁରୀ ଆରକ୍ଷୀ ଅଧୀକ୍ଷକ ବୀନିତ ଅଗ୍ରୱାଲ କହିଛନ୍ତି।

**- V/O –**

***Koraput***

## ସଡ଼କ ଦୁର୍ଘଟଣା

କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ବ୍ରାହ୍ମଣୀ ଗାଁ ନିକଟରେ ଏକ ଅଟୋରିକ୍ସା ଏବଂ ଟ୍ରକ୍ସ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଜୟପୁର ସଦର ମହକୁମା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୧୨ ଜଣ ଶ୍ରମିକଙ୍କୁ ନେଇ ଅଟୋଟି ଲିଞ୍ଜା ଗ୍ରାମରୁ ଜୟପୁର ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଜୟପୁର-ମାଲକାନଗିରି ରାସ୍ତାକୁ ଅବରୋଧ କରିଥିଲେ।

*Rayagada*

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ସମସ୍ତ ଜିଲ୍ଲାରେ ଆଜି ଜନଅଭିଯୋଗ ଶୁଣାଣି ଚାଲିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅଣଷଠୀଟି ଅଭିଯୋଗର ସମାଧାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାରୁଲ ପଟୱାରୀ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍.କୁମାର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ।

*********************************